# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 20 March - 2026

*********************************

## ମୁଖ୍ୟ ସମ୍ବାଦ

- କଟକ ଏସ୍‌ସିବି ମେଡିକାଲ ଅଗ୍ନିକାଣ୍ଡ ଘଟଣାକୁ ନେଇ ଆଜି ମଧ୍ୟ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ
- ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଆରମ୍ଭ କରାଯିବ 'ସମସ୍ତଙ୍କ ପାଇଁ କୃତ୍ରିମ ବୁଦ୍ଧିମତ୍ତା' ପାଠ୍ୟକ୍ରମ
- ଓଡ଼ିଆ ଖାଦ୍ୟ ପରମ୍ପରା ଓ ଆଧ୍ୟାତ୍ମିକ ଚେତନାରେ ପଖାଳର ସ୍ୱତନ୍ତ୍ରତାକୁ ଉଜ୍ଜୀବିତ କରିବା ପାଇଁ ପାଳନ ହେଉଛି ବିଶ୍ୱ ପଖାଳ ଦିବସ

ଏବଂ

- ପରିବେଶ ସନ୍ତୁଳନ ଓ ଘରଚଟିଆଙ୍କ ସଂରକ୍ଷଣ ସଚେତନତା ଲକ୍ଷ୍ୟରେ ଆଜି ପାଳନ କରାଯାଉଛି 'ବିଶ୍ୱ ଘରଚଟିଆ ଦିବସ'

## ବିଧାନସଭା

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟର ଦଶମ ଦିନରେ କଟକ ଏସ୍‌ସିବି ମେଡିକାଲ ଅଗ୍ନିକାଣ୍ଡ ଘଟଣାକୁ ନେଇ କ୍ରମାଗତ ଚତୁର୍ଥ ଦିନ ପାଇଁ ଗୃହରେ ବିରୋଧୀ ଦଳର ସଦସ୍ୟମାନେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକରି ବିରୋଧୀ ବିଜେଡି ଓ କଂଗ୍ରେସର ସଦସ୍ୟମାନେ ଗୃହର ମଧ୍ୟଭାଗରେ ହଟ୍ଟଗୋଳ ଜାରି ରଖିବାରୁ ପ୍ରଶ୍ନକାଳ ଓ ଶୂନ୍ୟକାଳ ବାଧାପ୍ରାପ୍ତ ହୋଇଥିଲା। ବାଚସ୍ପତି ସୁରମା ପାଢ଼ୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ ମଧ୍ୟ ପରିସ୍ଥିତିରେ କୌଣସି ସୁଧାର ଆସି ନଥିଲା। ବାଚସ୍ପତି ପୂର୍ବାହ୍ଣ ୧୧ଟା ୩୦ ମିନିଟ୍ ଏବଂ ପରେ ଦିନ ଗୋଟାଏ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ। ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନ ଥିଲା। ଫଳରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

## ବିଧାନସଭା-ଏଆଇ

ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ 'ସମସ୍ତଙ୍କ ପାଇଁ କୃତ୍ରିମ ବୁଦ୍ଧିମତ୍ତା' ପାଠ୍ୟକ୍ରମ ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ବିଧାନସଭାରେ ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ସୂରଜ କହିଛନ୍ତି, ମହାବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କୁ କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କରେ ଦକ୍ଷତା

ବୃଦ୍ଧି ଲାଗି ଉଚ୍ଚଶିକ୍ଷା ବିଭାଗ, ନାସକମ୍ ଏବଂ କୋର୍ସେରା ଭଳି ସଂସ୍ଥା ସହଯୋଗରେ ବିଭିନ୍ନ ମହାବିଦ୍ୟାଳୟରେ ଅନ୍‌ଲାଇନ୍ ମାଧ୍ୟମରେ ଏଆଇ ସମ୍ବନ୍ଧିତ ପାଠ୍ୟକ୍ରମ ସୁବିଧା ପ୍ରଦାନ କରୁଛନ୍ତି। ଏତଦ୍‌ବ୍ୟତୀତ କୃତ୍ରିମ ବୁଦ୍ଧିମତ୍ତା ପାଠ୍ୟକ୍ରମକୁ ପ୍ରୋତ୍ସାହିତ କରିବା ପାଇଁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଏଆଇ ଏବଂ 'ରୋବୋଟିକ୍ସ ସେଣ୍ଟର ଅଫ୍ ଏକ୍ସଲେନ୍ସ' ପ୍ରତିଷ୍ଠା କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ବିଧାନସଭା-ଶିକ୍ଷାନୀତି

ରାଜ୍ୟରେ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ଆଧାରିତ ଶିକ୍ଷାଦାନ ପାଇଁ ସରକାର ବ୍ୟବସ୍ଥା କରୁଛନ୍ତି ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ସଦସ୍ୟ ମାନସ କୁମାର ଦତ୍ତଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି, ଉଚ୍ଚଶିକ୍ଷା ବିଭାଗରେ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁପାଳନ ପାଇଁ ବ୍ୟବସ୍ଥା କରାଯାଇଛି। ଛାତ୍ର ସଂସଦ ନିର୍ବାଚନ କରିବାକୁ ସରକାର ସକାରାତ୍ମକ ରହିଛନ୍ତି। ଏ ଦିଗରେ ବିଚାରବିମର୍ଶ ଚାଲିଛି ବୋଲି ମନ୍ତ୍ରୀ ଗୃହକୁ ଅବଗତ କରାଇଛନ୍ତି।

ରାଜ୍ୟର ୧୭ଟି ବିଶ୍ୱବିଦ୍ୟାଳୟରେ ୭୦୯ଟି ଆସିଷ୍ଟାଣ୍ଟ ପ୍ରଫେସର ପଦ ଖାଲି ପଡିଛି। ସେଥିମଧ୍ୟରୁ ୪୬୧ ଆସୋସିଏଟ୍ ପ୍ରଫେସର ଓ ୨୬୪ ପ୍ରଫେସର ପଦ ରହିଛି। ୨ ହଜାର ୩୨୫ ଅଣଶିକ୍ଷକ ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।

## ବିଧାନସଭା-ବିଦ୍ୟାଳୟ

ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପଢୁଥିବା ମୋଟ ୪୪ ଲକ୍ଷ ୩୯ ହଜାର ୬୦୨ ଜଣ ଛାତ୍ରଛାତ୍ରୀଙ୍କୁ ମାଗଣାରେ ସ୍କୁଲ ପୋଷାକ ଯୋଗାଇ ଦିଆଯାଉଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ସଦସ୍ୟ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ମୁଣ୍ଡପିଛା ୧ ହଜାର ଟଙ୍କା ପ୍ରଦାନ କରାଯାଉଛି। ଗତ ମାସ ସୁଦ୍ଧା ପ୍ରଥମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଶତପ୍ରତିଶତ ପୋଷାକ ଯୋଗାଇ ଦିଆଯାଇଛି।

## ବିଧାନସଭା-ମାଟ୍ରିକ୍

ରାଜ୍ୟରେ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ୯ ହଜାର ୯୩୦ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୃହରେ ପ୍ରକାଶ କରିଛନ୍ତି। ପରୀକ୍ଷା ପାଇଁ ୫ ଲକ୍ଷ ୪୬ ହଜାର ୮୭୬ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିଲେ। ତେବେ ୫ ଲକ୍ଷ ୩୬ ହଜାର ୯୪୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଅନୁପସ୍ଥିତ ଛାତ୍ରଛାତ୍ରୀଙ୍କ ହାର ୧ ଦଶମିକ ୮/୧ ପ୍ରତିଶତ ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

ଅନ୍ୟ ଏକ ପ୍ରଶ୍ନରେ ମନ୍ତ୍ରୀ କହିଛନ୍ତି, ରାଜ୍ୟର ୧୯ ହଜାର ୮୮୩ଟି ବିଦ୍ୟାଳୟରେ ଡେସ୍କ ଓ ବେଞ୍ଚ ସୁବିଧା ନାହିଁ। ଏ ନେଇ ଛାତ୍ରଛାତ୍ରୀ ତଳେ ବସି ଅଧ୍ୟୟନ କରୁଛନ୍ତି। ସରକାର ଏ ଦିଗରେ ପଦକ୍ଷେପ ନେଉଛନ୍ତି।

## ବିଧାନସଭା-ଶିଳ୍ପ

ଜମି ନେଇ କାର୍ଯ୍ୟ ଆରମ୍ଭ କରି ନଥିବା ରାଜ୍ୟର ୨୫ଟି ଶିଳ୍ପାନୁଷ୍ଠାନକୁ ସରକାରଙ୍କ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ସଦସ୍ୟ ଚକ୍ରମଣୀ କହଁରଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ସ୍ୱାଇଁ କହିଛନ୍ତି, ନୋଟିସ୍ ପରେ ସାତୋଟି ଶିଳ୍ପାନୁଷ୍ଠାନର ଜମି ଆବଣ୍ଟନକୁ ରଦ୍ଦ କରାଯାଇଛି। ବର୍ତ୍ତମାନ କୋର୍ଟରେ ୫ଟି ମାମଲା ବିଚାରାଧୀନ ରହିଛି। ଇଡ୍‌କୋ ମାଧ୍ୟମରେ ଆବଣ୍ଟିତ ହୋଇଥିବା ଜମି ମଧ୍ୟରୁ ୯୧୪ଟି ଶିଳ୍ପସଂସ୍ଥା ବନ୍ଦ ପଡିଛି। ସେଥିମଧ୍ୟରୁ ୨୬୭ଟି ଶିଳ୍ପସଂସ୍ଥାର ଆବଣ୍ଟନ ରଦ୍ଦ ସହିତ ୬୬୫ଟି ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି ବୋଲି ମନ୍ତ୍ରୀ ଗୃହରେ ପ୍ରକାଶ କରିଛନ୍ତି।

## ବିଶ୍ୱ ପଖାଳ ଦିବସ

ଆଜି ବିଶ୍ୱ ପଖାଳ ଦିବସ ଓଡ଼ିଶା ସହିତ ବିଶ୍ୱର କୋଣ ଅନୁକୋଣରେ ପାଳନ କରାଯାଉଛି। ଓଡ଼ିଆ ଖାଦ୍ୟ ପରମ୍ପରା , ଲୋକସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାର ଏକ ସମନ୍ୱିତ ପ୍ରତୀକ ଭାବେ ପଖାଳ ଏକ ନୂତନ ପରିଚୟ ସୃଷ୍ଟି

କରିଛି। ୨୦୧୧ ମସିହା ମାର୍ଚ୍ଚ ୨୦ ତାରିଖରୁ ଏହି ଦିବସ ପାଳନ କରାଯାଉଛି।

ଶୁଣନ୍ତୁ ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ଉପସ୍ଥାପନା......

.......................ଟ୍ୟୁନ୍.........................

ପଖାଳର ଗୁଣ ଓ ଗାରିମା ବଖାଣିବା ପାଇଁ କବି ଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ରଚିତ ଏହି ଗୀତ ହିଁ ଯଥେଷ୍ଟ। ଆଜି ଦେଶ ଓ ବିଦେଶରେ ରହୁଥିବା ଓଡ଼ିଆମାନେ ଆନନ୍ଦ ଓ ଉତ୍ସାହର ସହିତ ପଖାଳ ଦିବସ ପାଳନ କରୁଛନ୍ତି। ପଖାଳ କେବଳ ଏକ ସ୍ୱାଦିଷ୍ଟ ଖାଦ୍ୟ ନୁହେଁ; ଏହା ଓଡ଼ିଶା ମାଟିର ବାସ୍ନା, ପରମ୍ପରାର ଗୌରବ ଏବଂ ଓଡ଼ିଆ ଜୀବନଶୈଳୀର ଏକ ଅଭିନ୍ନ ଅଙ୍ଗ। ଓଡ଼ିଆଙ୍କ ଜୀବନଧନ କୁହାଯାଉଥିବା ପଖାଳ କଂସା ପ୍ରତି ପ୍ରତ୍ୟେକ ଓଡ଼ିଆଙ୍କ ଭରପୂର ଆବେଗ ରହିଥାଏ। ସାଂସ୍କୃତିକ, ପାରମ୍ପରିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧରେ ପରିପୂର୍ଣ୍ଣ ପଖାଳ ଓଡ଼ିଶାର ଲୋକଙ୍କ ସହିତ ଓଡ଼ିଆ ଘରର ମୁରବୀ ମହାପ୍ରଭୁ ଜଗନ୍ନାଥଙ୍କ ମଧ୍ୟ ଅତି ପ୍ରିୟ। ପ୍ରତିଦିନ ୩ ବେଳା ମହାପ୍ରଭୁଙ୍କ ପାଖରେ ପଖାଳ ଲାଗି କରାଯାଏ। ଓଡ଼ିଶାର ଧନୀଙ୍କଠାରୁ ଆରମ୍ଭ କରି ଦରିଦ୍ର ପର୍ଯ୍ୟନ୍ତ ସମସ୍ତଙ୍କ ପ୍ରିୟ ଏହି ଖାଦ୍ୟକୁ ଖାଇବା ପରେ ଆତ୍ମା ଶାନ୍ତି ହେବା ସହିତ ମନ ତୃପ୍ତ ହୋଇଯାଏ। ଚଷା ବିଲରୁ ହାଡଭଙ୍ଗା ପରିଶ୍ରମ ସାରି ଫେରିବା ସମୟରେ ପଖାଳ କଂସାକୁ ଦେଖିଦେଲେ ଖୁସିରେ ଆତ୍ମହରା

ହୋଇଯାଏ, ଯେଉଁଥିରେ ଆଡମ୍ବର ନଥାଏ, ଥାଏ କେବଳ ସନ୍ତୁଷ୍ଟିର ଅଭିବ୍ୟକ୍ତି। ସେଥିପାଇଁ ତ ଓଡ଼ିଆ ମନ, ଓଡ଼ିଆ ପ୍ରାଣ ବୁଝେ ପଖାଳ କଂସା।

.......................ଟ୍ୟୁନ୍........................

**ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମପାଟି ଏହି ଦିବସର ଶୁଭେଚ୍ଛା ଜଣାଇ କହିଛନ୍ତି, ପଖାଳ ଏକ ସାଧାରଣ ଖାଦ୍ୟ ନୁହେଁ; ବରଂ ଓଡ଼ିଆ ଜୀବନଶୈଳୀର ସରଳତା ଓ ପରମ୍ପରାର ଜୀବନ୍ତ ପ୍ରତୀକ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ରାଜ୍ୟବାସୀ ଓ ବିଶ୍ୱର କୋଣ-ଅନୁକୋଣରେ ରହୁଥିବା ଓଡ଼ିଆଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ପଦ୍ମଶ୍ରୀ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ପଖାଳ ଦିବସ ଅବସରରେ ପୁରୀ ବେଳାଭୂମିରେ ଏକ ସ୍ୱତନ୍ତ୍ର କଳାକୃତି କରିଛନ୍ତି।

ଓଡ଼ିଶାର ସମୃଦ୍ଧ ରୋଷେଇ ଶୈଳୀ ଓ ପରମ୍ପରାକୁ ସମ୍ମାନ ଜଣାଇ ଆଜି ଭୁବନେଶ୍ୱରସ୍ଥିତ ପାନ୍ଥନିବାସରେ 'ପଖାଳ ପରବ' ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗ ଦେଇଛନ୍ତି।

ପଖାଳ ଦିବସ କେବଳ ଏକ ଆହାର ପର୍ବ ନୁହେଁ; ଏହା ଓଡ଼ିଶାର ଗୌରବମୟ ପରମ୍ପରାର ପ୍ରତିଛବି।

ଆକାଶବାଣୀ କଟକ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

## ଆଇଆଇଏମ୍‌ସି

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ପ୍ରିଥୁଲ କୁମାର ଆଜି ଢେଙ୍କାନାଳ ଗସ୍ତର ଦ୍ୱିତୀୟ ଦିନରେ ଭାରତୀୟ ଜନସଂଚାର ସଂସ୍ଥାନ-ଆଇଆଇଏମ୍‌ସିରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି।  ଆଗାମୀ ଦିନରେ ସଂସ୍ଥାନର ଉନ୍ନତି ପାଇଁ ବିଭିନ୍ନ ଅନୁଷ୍ଠାନ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ ବୋଲି ଶ୍ରୀ କୁମାର କହିଛନ୍ତି। ଏହି ଅବସରରେ ସଂସ୍ଥାନରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସହିତ ସେ ବାର୍ତ୍ତାଳାପ କରିଥିଲେ।

## ବିଶ୍ୱ ଘରଚଟିଆ ଦିବସ

ପରିବେଶ ସନ୍ତୁଳନ ରକ୍ଷା କରିବାରେ ଘରଚଟିଆ ପକ୍ଷୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ଦେବା ପାଇଁ ଆଜି  ବିଶ୍ୱ ଘରଚଟିଆ ଦିବସ ପାଳନ କରାଯାଉଛି । ଜୈବ ବିବିଧତାର ଅନନ୍ୟ ସୃଷ୍ଟି ହେଉଛି ଘରଚଟିଆ ପକ୍ଷୀ । ସନ୍ତୁଳନ ହରାଇଥିବା ପରିବେଶ, ଜଙ୍ଗଲ ହ୍ରାସ, ରାସାୟନିକ ସାରର ବ୍ୟବହାର ସହିତ ଅନେକ କାରଣ ଯୋଗୁଁ ଏହି ପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଆଜିର ଦିନରେ  ଘରଚଟିଆ ପକ୍ଷୀଙ୍କ ପାଇଁ ପ୍ରକୃତି ଅନୁକୂଳ ପରିବେଶ ଓ ବାସସ୍ଥାନ ନିର୍ମାଣ ଏବଂ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

ଏ ସମ୍ପର୍କରେ ବିଶିଷ୍ଟ ପରିବେଶବିତ୍ ପ୍ରଫେସର ଡକ୍ଟର **ଜୟକୃଷ୍ଣ ପାଣିଗ୍ରାହୀ** ଆକାଶବାଣୀକୁ ପ୍ରତିକ୍ରିୟାରେ କହିଛନ୍ତି...

**- V/O –**

## ନାମଲେଖା

**ନବରଙ୍ଗପୁର** ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ଅଧୀନ ଜାନକୀନଗର ଗ୍ରାମର ଗୋଟିଏ ପରିବାରର ତିନି ଜଣ ଅନାଥ ଛାତ୍ରଙ୍କୁ ଆବାସିକ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ସି.ଡବ୍ଲ୍ୟୁ.ସି. ପଦକ୍ଷେପ ନେଇଛି। ଶିଶୁମଙ୍ଗଳ କମିଟିର ତତ୍ତ୍ୱାବଧାନରେ ସମସ୍ତ ଆନୁଷଙ୍ଗିକ ପ୍ରକ୍ରିୟା ଆରମ୍ଭ ହୋଇଛି। ଦୁଇ ଜଣ ଛାତ୍ର ଅଷ୍ଟମ ଶ୍ରେଣୀରେ ପଢୁଥିବାବେଳେ ଜଣେ ଦ୍ୱିତୀୟ ଶ୍ରେଣୀରେ ପଢୁଛି।

## ଜନଗଣନା

**ଭଦ୍ରକ** ଜିଲ୍ଲା ତିହିଡି ବ୍ଲକ୍ ନୀଳମଣି ସଭାଗୃହ ପଂଚାୟତ ସମିତି କାର୍ଯ୍ୟାଳୟରେ ପ୍ରଶାସନ ପକ୍ଷରୁ ଜନଗଣନା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବୈଠକରେ ବାସୁଦେବପୁର, ଧାମନଗର, ତିହିଡି, ଚାନ୍ଦବାଲି ବ୍ଲକ୍ର ବିଡିଓ, ତହସିଲଦାର, ନିର୍ବାଚନ ପଞ୍ଜୀକରଣ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## ସୁପୋଷିତ ଓଡ଼ିଶା

ସୁପୋଷିତ ଓଡ଼ିଶା ମିଶନରେ **ନବରଙ୍ଗପୁର** ଜିଲ୍ଲାକୁ ସାମିଲ କରାଯାଇଛି। ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ସଚିବ ଡକ୍ଟର ମୃଣାଳିନୀ ଦର୍ସ୍ୱାଲ ସୁପୋଷିତ ଓଡ଼ିଶା ମିଶନ ଜିଲ୍ଲାସ୍ତରୀୟ କର୍ମଶାଳାକୁ ଉଦ୍‌ଘାଟନ କରି ମହିଳାମାନଙ୍କ ସୁରକ୍ଷା, ସମୃଦ୍ଧି, ଅର୍ଥନୈତିକ ପ୍ରଗତି ପାଇଁ ରାଜ୍ୟ ମହିଳା ହବ୍ ଓ ଜିଲ୍ଲା ମହିଳା ହବ୍ ସମ୍ପର୍କରେ ଆଲୋଚନା କରିବା ସହିତ ଓଜନ, ଉଚ୍ଚତା ଓ ପୋଷଣର ସଠିକ୍ ତଥ୍ୟ ପ୍ରଦାନ ପାଇଁ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାରେ ୬୨ ଦଶମିକ ୮/୧ ପ୍ରତିଶତ ରକ୍ତହୀନତା ଥିବାରୁ ଏ ନେଇ ଦୃଢ଼ ପଦକ୍ଷେପ ଗ୍ରହଣ ପାଇଁ ଡକ୍ଟର ଦର୍ସ୍ୱାଲ ନିର୍ଦ୍ଦେଶ ଦେଇଛନ୍ତି।